## ସଂକ୍ଷେପରେ

### ଜୁଆଣିଆ ଡକାୟତି ଘଟଣା: ଆଉ ୫ ଅଭିଯୁକ୍ତ ଗିରଫ

ଆଳି,୨୯।୧୦(ଡି.ଏନ୍.ଏ.): ଆଳି ଥାନା ଅନ୍ତର୍ଗତ ଜୁଆଣିଆ ଗ୍ରାମରେ ସେପ୍ଟେମ୍ବର ୨୯ରେ ଘଟିଥିବା ଡକାୟତି ଘଟଣାରେ ମଙ୍ଗଳବାର ପୋଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିକିରାଇ ଘାଗରାର ନାରାୟଣ ପରିଡା, ଡେରାବିଶ ଓଲକଣାର ବିନୟ କୁମାର ଷଣ୍ଢ, କେନ୍ଦ୍ରାପଡା ସଦର କସାପଡିଆର ଗଗନ କୁମାର ସାହୁ, ଗୁଲନଗରର ନିସାନ ସାହୁ ଓ କାହ୍ନା ଗୋଛାୟତ। ଏଥିସହ ଅଭିଯୁକ୍ତମାନଙ୍କଠାରୁ ୨ଟି କାର ଜବତ କରାଯାଇଛି ବୋଲି ଥାନା ଆଇଆଇସି ସଲିଲ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୯ ରାତିରେ ଜୁଆଣିଆ ଗ୍ରାମର ନବଘନ ପରିଡାଙ୍କ ଘରେ ଦୁର୍ବୃତ୍ତମାନେ ଡକାୟତ କରି ଫେରାର ହୋଇଯାଉଥିବା ବେଳେ ଭିଜିଲାନ୍ସ ଅଫିସ ସମ୍ମୁଖରେ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। ଏହି ସମୟରେ ଏନକାଉଣ୍ଟରରେ ଜଣେ ଅଭିଯୁକ୍ତ ଧରାପଡିଥିବା ବେଳେ ଅନ୍ୟମାନେ ଫେରାର ହୋଇଯିବାକୁ ସକ୍ଷମ ହୋଇଥିଲେ। ପରେ ପୋଲିସ ପକ୍ଷରୁ ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଥିଲା।

### ରାଇସ ମିଲ ମାଲିକଙ୍କ ଆତ୍ମହତ୍ୟା

କେନ୍ଦ୍ରାପଡା ଅଫିସ, ୨୯।୧୦: ସଦର ଥାନା ଗରାପୁର ଅଞ୍ଚଳର ହନୁମାନ ରାଇସମିଲ ମାଲିକ ପ୍ରହ୍ଲାଦ ସାହୁ ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ଏନେଇ ପରିବାର ସଦସ୍ୟଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ପ୍ରହ୍ଲାଦ କୌଣସି କାରଣରୁ ଗତ ଦୁଇ ଦିନ ଧରି ଚିନ୍ତାରେ ଥିଲେ। ତେବେ ପରିବାର ସଦସ୍ୟଙ୍କୁ ଏନେଇ କୌଣସି ସୂଚନା ଦେଇ ନ ଥିଲେ। ପୂର୍ବାହ୍ନରେ ଗୁଲନଗରସ୍ଥ ଘରେ ଫ୍ୟାନରେ ଦଉଡି ଦେଇ ସେ ଆତ୍ମହତ୍ୟା କରିଥିବା ଏତଲାରେ ଉଲ୍ଲେଖ ଥିବା ଥାନା ଅଧିକାରୀ ପ୍ରମୋଦ ମଲ୍ଲିକ ସୂଚନା ଦେଇଛନ୍ତି।

### ଶୁଦ୍ଧି କ୍ରିୟା ପାଳନ ଲାଗି ଜିଲା ପ୍ରଶାସନର ଦ୍ୱାରସ୍ଥ

କେନ୍ଦ୍ରାପଡା ଅଫିସ, ୨୯।୧୦: ଗତ ଲଗାଣ ବର୍ଷାରେ ମାର୍ଶାଘାଇ ତହସିଲ ବଛରାଇ ପଞ୍ଚାୟତ ବାଲିକୁଦା ଗ୍ରାମର ନିହାର ରଞ୍ଜନ ସୂତାରଙ୍କ ପରଲୋକ ଘଟିଛି। ଏଣୁ ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ଖର୍ଚ୍ଚ ତୁଲାଇବା ଓ ଭବିଷ୍ୟତରେ ଚଳିବା ପାଇଁ ନିହାରଙ୍କ ସ୍ତ୍ରୀ ମମତାରାଣୀ(୩୨) ମଙ୍ଗଳବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଅତିରିକ୍ତ ଜିଲାପାଳ ବସନ୍ତ ରାଉତଙ୍କୁ ଭେଟିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି ଯେ, ତାଙ୍କ ସ୍ୱାମୀ ବଢ଼େଇ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ଦୁଇ ନାବାଳିକା ଝିଅ ଓ ଗୋଟିଏ ଛୋଟ ପୁଅ ଅଛନ୍ତି। ତେବେ ଅର୍ଥ ଅଭାବରୁ ଏକ ପଲିଥିନ ପଲ୍ଲାରେ ପରିବାର ସହ ରହିବାକୁ ପଡୁଛି। ଆର୍ଥିକ ପରିସ୍ଥିତି ଭଲ ନ ଥିବାରୁ ଏବେ ପିଲାଙ୍କୁ ପ୍ରତିପୋଷଣ କରିବା ଶକ୍ତି ନାହିଁ। ଏପରି କି ନିହାରଙ୍କ ଶୁଦ୍ଧିକ୍ରିୟା ପାଇଁ ଅର୍ଥ ନ ଥିବା ସେ ଗଣମାଧମକୁ ସୂଚନା ଦେଇଛନ୍ତି। ଜିଲା ପ୍ରଶାସନ ଓ ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢାଇବାକୁ ସେ ନିବେଦନ କରିଛନ୍ତି।

### ସାମାଜିକ କର୍ମୀ ନିରଞ୍ଜନ ସାହୁଙ୍କ ସ୍ମୃତିସଭା

କେନ୍ଦ୍ରାପଡ଼ା ଅଫିସ, ୨୯।୧୦: କେନ୍ଦ୍ରାପଡ଼ା ସହର ଉପକଣ୍ଠ କଜଳାଠାରେ ରବିବାର ବିଶିଷ୍ଟ ସାମାଜିକ କର୍ମୀ ନିରଞ୍ଜନ ସାହୁଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାଧାପକ ଅଜୟ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡ଼ା ପଞ୍ଚାୟତ ସମିତି ଅଧକ୍ଷ ଅନାମବନ୍ଧୁ ଧଳ, ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷ ସରୋଜକାନ୍ତ ସାହୁ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ରବି ସାମଲ, ଜିଲା ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁଣ ମହାନ୍ତି, ବିଭୂତି ମହାନ୍ତି, କରୁଣାକର ଦାସ, ଭବାନୀ ପ୍ରସାଦ ଓଝା, ନିରଞ୍ଜନ ପରିଡ଼ା, ମହେନ୍ଦ୍ର ପରିଡ଼ା, ଗଙ୍ଗାଧର ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପଣ୍ଡିତ ପ୍ରତାପ କୁମାର ପତି ପ୍ରଥମେ ବେଦପାଠ କରିବା ପରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

■ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶସନ ଦିବସ

# ମୁକାବିଲା ପାଇଁ ଜନ ସଚେତନତା ଆବଶ୍ୟକ

କେନ୍ଦ୍ରାପଡା ଅଫିସ, ୨୯।୧୦



ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା।

ଜନ ସଚେତନତା ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟକୁ ସହଜରେ ମୁକାବିଲା କରିହେବ। ଏଥିପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ଓ ଜିଲା ପ୍ରଶାସନ ସର୍ବଦା ଚେଷ୍ଟା ଜାରି ରଖିଛି ବୋଲି ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ସଭାରେ ଜିଲା ଜରୁରିକାଳୀନ ଅଧିକାରୀ ସମ୍ବିତ କୁମାର ଶତପଥୀ ଅଧକ୍ଷତା କରିଥିଲେ। ଏଥିରେ ଏଡିଏମ ବସନ୍ତ କୁମାର ରାଉତ, ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ଏଡିଏମଓ ଡା.କିଶୋର ଚନ୍ଦ୍ର ଆଚାର୍ଯ୍ୟ, ଜିଲା ମତ୍ସ୍ୟ ଅଧିକାରୀ ମମତା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପ୍ରକାଶ କରିଥିଲେ ଯେ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ରାପଡା ଜିଲା ବାତ୍ୟା ପ୍ରବଣ ବୋଲି ଚିହ୍ନଟ କରାଯାଇଛି। ଏଥିପାଇଁ ଅତ୍ୟାଧୁନିକ ମେଶିନ ଲଗାଯାଇ ସତର୍କତାମୂଳକ ସୂଚନା ବାର୍ତ୍ତା ଦିଆଯିବାକୁ ବ୍ୟବସ୍ଥା ହୋଇଛି। ୧୯୯୯ ମସିହା ମହାବାତ୍ୟା ପରଠାରୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଣିଷର ସର୍ବନିମ୍ନ ମୌଳିକ ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଇଛି। ଜିଲାର ବହୁ ସ୍ଥାନରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରା ଯାଇଥିବା ବେଳେ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯାଉଛି। ମକ୍‌ଡ୍ରିଲ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ରାଜ୍ୟରେ ଓସଡ଼ମା, ଏନଡ଼ିଆରଏଫ ସେବା ସହିତ ରେଡ଼କ୍ରସକୁ ମଜଭୁତ କରାଯାଇଛି। ଏସବୁ ସତ୍ତ୍ୱେ ଜିଲାର ଯୁବବର୍ଗ, ସ୍ୱେଚ୍ଛାସେବୀ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା ଏହି ବିପର୍ଯ୍ୟୟ ସମୟରେ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ସତର୍କତାମୂଳକ କାର୍ଯ୍ୟ କଲେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିହେବ। ୧୯୯୯ ମସିହା ବାତ୍ୟାର ବିନାଶ ଆମକୁ ବିକାଶର ପଥ ଦେଖାଇଛି। ବାତ୍ୟା, ବନ୍ୟା ପ୍ରବଣ ଅଞ୍ଚଳ ଚିହ୍ନଟ କରାଯାଇ ପରିବେଶ ସନ୍ତୁଳନ ରକ୍ଷା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଉଛି। ଏହି ଅବସରରେ ଜିଲା ଜରୁରୀକାଳୀନ ଅଧିକାରୀ ଶତପଥୀ ଜିଲାରେ ଘଟି ଯାଇଥିବା ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହିତ ମହାବାତ୍ୟାରେ ମୃତ ବ୍ୟକ୍ତିଙ୍କ ଅମର ଆତ୍ମାକୁ ସ୍ମରଣ କରି ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଆଗାମୀ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହଯୋଗ ପାଇଁ ମଧ ଶପଥ ପାଠ କରା ଯାଇଥିଲା। କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ମକ୍‌ଡ୍ରିଲ କରାଯାଇଥିଲା। ପୂର୍ବାହ୍ନରେ ଜିଲା ପ୍ରଶାସନ ପକ୍ଷରୁ ଜନସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସଚେତନତା କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକ, ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସ, ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ସାମାଜିକ କର୍ମୀ ବିରଜାପ୍ରସାଦ ପତି ପ୍ରମୁଖ ପରିଚାଳନା କରିଥିଲେ।

# ମଙ୍ଗରାଜପୁର ସରପଞ୍ଚ ସମ୍ବର୍ଦ୍ଧିତ




ରବୀନ୍ଦ୍ର ମଣ୍ଡପଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରପଞ୍ଚ ପ୍ରଦୀପ୍ତ ନାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ମାର୍ଶାଘାଇ, ୨୯।୧୦(ଡି.ଏନ୍.ଏ.)

ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ବିଭିନ୍ନ ପଞ୍ଚାୟତ ପକ୍ଷରୁ କମିଟିମାନ ଗଠନ କରାଯାଇଛି। ସରପଞ୍ଚଙ୍କ ନେତୃତ୍ୱରେ ଗଠିତ ଏହି ସୁରକ୍ଷା ଟିମ୍ ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ସୁରକ୍ଷା କରୁଛନ୍ତି। ଏଥିରେ ଶ୍ରେଷ୍ଠତ୍ୱ ହାସଲ କରିଥିବା ମାର୍ଶାଘାଇ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ସରପଞ୍ଚ ପ୍ରଦୀପ୍ତ ନାୟକଙ୍କୁ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ପୁରସ୍କୃତ କରିଛନ୍ତି। ମଙ୍ଗରାଜପୁର ପଞ୍ଚାୟତର ରତନପୁରଠାରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର ସୁରକ୍ଷା ଓ ସୁପରିଚାଳନା ପାଇଁ ସରପଞ୍ଚ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଉପଲକ୍ଷେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି, ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ, ଏସ୍ଆର୍‌ସି ପ୍ରଦୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମଙ୍ଗରାଜପୁର ସରପଞ୍ଚଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

# ଆବାସ ଯୋଜନାରେ ସାମିଲ ପାଇଁ ଭାଇବୋହୂର ସ୍ୱାମୀ ସାଜିଲେ ଦେଢ଼ଶୁର

କେନ୍ଦ୍ରାପଡା ଅଫିସ,୨୯।୧୦

ଓଡିଆ ଘରର ସଂସ୍କୃତିରେ ଭାଇବୋହୂ ଓ ଦେଢ଼ଶୁର ମଧ୍ୟରେ ପାରିବାରିକ ସମ୍ପର୍କରେ କିଛିଟା କଟକଣା ଏବେ ବି ରହିଛି। ତେବେ ସରକାରୀ ଆବାସ ଯୋଜନା ପାଇଁ ଦେଢ଼ଶୁରକୁ ସ୍ୱାମୀ ଭାବେ ପରିଚୟ ଦେଇ ଭାଇବୋହୂ କାର୍ଯ୍ୟାଦେଶ ନେବା ଘଟଣା ଏବେ ଚର୍ଚ୍ଚାକୁ ଆସିଛି। ଏନେଇ ପୂର୍ବତନ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା ସୋମବାର କେନ୍ଦ୍ରାପଡା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ସେ ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବା ସହ ଏହାର ତଦନ୍ତ ଦାବି କରିଛନ୍ତି। ପୂର୍ବତନ ବିଧାୟକ ଶର୍ମାଙ୍କ ଅଭିଯୋଗ ଅନୁଯାୟୀ, ରାଜନଗର ବ୍ଲକ ଅଞ୍ଚଳର ଜଣେ ମହିଳା ୨୦୧୫-୧୬ ଆର୍ଥିକ ବର୍ଷରେ ସରକାରଙ୍କ ଗୃହ ନିର୍ମାଣ ଯୋଜନାରେ ସାମିଲ ହୋଇ ଅର୍ଥ ନେଇଛନ୍ତି। ଚଳିତ ଆର୍ଥିକ ବର୍ଷରେ ପୁଣି ଥରେ ଆବାସ ଯୋଜନାରେ ସାମିଲ ହେବା ପାଇଁ ଦେଢ଼ଶୁରଙ୍କୁ ଚାଳଘର ନିକଟରେ ଠିଆ କରାଇ ଜିଓ ଟ୍ୟାଗିଂରେ ସାମିଲ କରିଛନ୍ତି। ଏପରି କି ଦେଢ଼ଶୁରଙ୍କୁ ସ୍ୱାମୀ ଭାବେ କାଗଜପତ୍ରରେ ଦର୍ଶାଇ ପ୍ରଥମ କିସ୍ତି ବାବଦ ୨୦ ହଜାର ଟଙ୍କା ଓ ଗୃହ ନିର୍ମାଣ କାର୍ଯ୍ୟାଦେଶ ନେଇଛନ୍ତି। ପୂର୍ବତନ ବିଧାୟକ ଶର୍ମା ଏହି ଘଟଣାରେ ସଂପୃକ୍ତ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ପାଟକୁରା, ୨୯।୧୦ (ଡି.ଏନ୍.ଏ.)

ଗରଦପୁର ବ୍ଲକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବିଜେଡି ନେତା ସଞ୍ଜୟ ଅଗ୍ରୱାଲଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ଦଳର ବହୁ ଛାମୁଆ କର୍ମୀ ସାମିଲ ହୋଇଥିଲେ। ଏହି ପଦଯାତ୍ରା ପଦ୍ମପୁର ପଞ୍ଚାୟତ ନୂଆପଡ଼ା ବଜାରଠାରୁ ଆରମ୍ଭ ହୋଇ ବେଡାରୀ ପଞ୍ଚାୟତର ଗଜଲକ୍ଷ୍ମୀପଡ଼ା, ମଙ୍ଗଳା ଛକ, ପାଟକୁରା ବଜାର, ଗରଦପୁର ଦେଇ କଳାବୁଦା ପଞ୍ଚାୟତରେ ପହଞ୍ଚିଥିଲା। ପଦଯାତ୍ରା ବେଳେ କର୍ମୀମାନେ ବିଭିନ୍ନ ସ୍ଥାନରେ ଲୋକମାନଙ୍କୁ ଭେଟି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ପ୍ରତିନିଧି ନାରାୟଣ ସ୍ୱାଇଁ, ବ୍ଲକ ଚେୟାରମ୍ୟାନ୍ ସ୍ୱର୍ଣ୍ଣପ୍ରଭା ସେଠୀ, ପୂର୍ବତନ ଚେୟାରମ୍ୟାନ୍ ବାସୁଦେବ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ।

■ ଅବକାରୀ ଚଢ଼ାଉ

# ବେଆଇନ ଦେଶୀ ମଦ କାରଖାନା ଠାବ

ମହାକାଳପଡା,୨୯।୧୦(ଡି.ଏନ୍.ଏ.)

■ ୧୦ ହଜାର ଲିଟର ପୋଚ ଓ ସାମଗ୍ରୀ ନଷ୍ଟ
■ ମାଲିକ ଓ ୨୦ ଶ୍ରମିକ ଫେରାର

କେନ୍ଦ୍ରାପଡ଼ା ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ମହାକାଳପଡା ବ୍ଲକ ବଉଳକଣୀ ପଞ୍ଚାୟତ ଅନ୍ତର୍ଗତ ପନ୍ଦରମାଇଲ ଗ୍ରାମରେ ଚଢ଼ାଉ କରି ଏକ ବେଆଇନ୍ ଦେଶୀ ମଦ କାରଖାନା ଠାବ କରିଛି। ସେଠାରୁ ଦଶହଜାର ଲିଟର ପୋଚ ଓ ମଦ ପ୍ରସ୍ତୁତ ପାଇଁ ବ୍ୟବହାର ହେଉଥିବା ସାମଗ୍ରୀ ଜବତ କରିଛି। ପୋଚ ଓ ଅନ୍ୟାନ୍ୟ ସାମଗ୍ରୀଗୁଡିକୁ ଜବତ ପରେ ନଷ୍ଟ କରିଦିଆଯାଇଛି। ଅପରପକ୍ଷେ କାରଖାନା ମାଲିକ ଓ ତାଙ୍କ ସ୍ତ୍ରୀଙ୍କ ସହ ସେଠାରେ କାମ କରୁଥିବା ୨୦ ଜଣ ଶ୍ରମିକ ଫେରାର ହୋଇଯାଇଛନ୍ତି।

ସୂଚନାଯୋଗ୍ୟ, ମହାକାଳପଡ଼ା ବ୍ଲକର ବିଭିନ୍ନ ଗାଁରେ ଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଥିଲା। କୌଣସି ସୂତ୍ରରୁ ଖବରପାଇ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ବଉଳକଣୀ ପଞ୍ଚାୟତର କେନାଲବନ୍ଧ ପାର୍ଶ୍ୱ ପନ୍ଦରମାଇଲ ଗ୍ରାମରେ ଚଢ଼ାଉ କରିଥିଲା। ରିପୋର୍ଟ ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ସୂଚନା ମିଳିଛି। ଏହି ଚଢ଼ାଉରେ ଜିଲା ଅବକାରୀ ବିଭାଗ ଏସ୍ଆଇ. ଅଂଶୁମାନ ଜେନା, ଏଏସ୍ଆଇ. ରାଜକିଶୋର ଜେନା, ଦେବକାନ୍ତ ଆଚାର୍ଯ୍ୟ, ପ୍ରଶାନ୍ତ ଘଡ଼ାଇ, ଜଗନ୍ନାଥ ବେସ୍ରା ଓ ଟୁକୁନା ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।



ଅବକାରୀ ବିଭାଗ ପକ୍ଷରୁ ଜବତ ପୋଚ ନଷ୍ଟ କରାଯାଉଛି।

■ ରାଜ୍ୟସ୍ତରୀୟ ଗୋ-ନବରାତ୍ର ମହୋତ୍ସବ ଉଦ୍‌ଘାଟିତ

# ଗୋମାତାର ସୁରକ୍ଷା ଉପରେ ଗୁରୁତ୍ୱ



ମହୋତ୍ସବରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ସାଧୁସନ୍ଥମାନେ।



ମହୋତ୍ସବ ଅବସରରେ ସଙ୍କୀର୍ତ୍ତନ ଶୋଭାଯାତ୍ରା।

ରାଜନଗର,୨୯।୧୦(ଡି.ଏନ.ଏ.)

ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତ ପଡିଆ ଠାରେ ରାଜ୍ୟସ୍ତରୀୟ ଗୋ-ନବରାତ୍ର ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପୁରୀର ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଗୋମାତାର ଯତ୍ନ ଓ ଗୋସମ୍ପଦର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଲେ ଯେ, ବୈଦିକ ସଂସ୍କୃତି ଧୀରେ ଧୀରେ ଲୋପ ହେବାକୁ ବସିଛି। ଆଜି ସମୟ ଆସିଛି। ବୈଦିକ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ହେଲେ ପୁନର୍ବାର ଗୋମାତାଙ୍କ ସେବା ପାଇଁ ସମର୍ପଣ ଭାବ ନେଇ ଆଗେଇ ଆସିବା ଉଚିତ୍। ଏହି ମହୋତ୍ସବକୁ କାର୍ଯ୍ୟକ୍ରମ ଭାବେ ନ ଭାବି ନିଜର ମାନବିକ ମୂଲ୍ୟବୋଧର ଆଧାର ଭାବେ ଗ୍ରହଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ମହୋତ୍ସବରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ଗୋମାତାର ସୁରକ୍ଷା, ସଂରକ୍ଷଣ ଏବଂ ଗାଁ ଗାଁ ରେ ଗୋସମ୍ପଦର ପ୍ରସାର କ୍ଷେତ୍ରରେ ସମାଜର ସବୁ ସ୍ତରରୁ ପ୍ରତ୍ୟକ୍ଷ ଭାବେ ଉଦ୍ୟମ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଆମର ପୂର୍ବସୂରୀମାନେ ଗୋମାତାଙ୍କୁ ପୂଜାର୍ଚ୍ଚନା କରି ଆଧାତ୍ମିକ ଜୀବନ ବିତାଉ ଥିଲେ। ବର୍ତ୍ତମାନ ସମୟରେ ଗୋମାତାଙ୍କ ସେବା ପରିବର୍ତ୍ତେ ବିଭିନ୍ନ କଂସେଇଖାନାକୁ ପଠାଯାଇ ହିନ୍ଦୁ ଧର୍ମ ଏବଂ ପରମ୍ପରାକୁ କୁଠାରାଘାତ କରାଯାଉଛି। ଏଭଳି ସମୟରେ ରାଜନଗରଠାରେ ଆୟୋଜିତ ଗୋ-ନବରାତ୍ର ମହୋତ୍ସବ ନିଶ୍ଚିତ ଭାବେ ଜନଜାଗରଣ ପାଇଁ ନୂତନ ଦିଗଦର୍ଶନ ଦେବ ବୋଲି ମନ୍ତ୍ରୀ ଷଡଙ୍ଗୀ ଦୃଢୋକ୍ତି ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଷଡଙ୍ଗୀ ଦେଶୀୟ ଗୋମାତାଙ୍କ ଯତ୍ନ ଏବଂ ସୁରକ୍ଷା କ୍ଷେତ୍ରରେ ମାଆମାନେ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଗୋମୂତ୍ର ଏବଂ ଗୋବରର ଆବଶ୍ୟକତା କିପରି ରହିଛି ସେ ସମ୍ପର୍କରେ କହିଥିଲେ।

ଅନ୍ତର୍ଜାତୀୟ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ମାର୍ଗଦର୍ଶନରେ ଏହି ରାଜ୍ୟସ୍ତରୀୟ ମହୋତ୍ସବ ଅନୁଷ୍ଠିତ ହେଉଛି। ଏଥିରେ ପ୍ରଜ୍ଞାନାନନ୍ଦ ଯୋଗଦେଇ କହିଥିଲେ ଯେ, ଏହି ମହୋତ୍ସବ ଆଧାତ୍ମିକ ଓ ବୈଦିକ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ସଂକଳ୍ପର ସମାବେଶ। ପ୍ରତି ମାଆମାନେ ସଚେତନ ହେଲେ ବୈଦିକ ପରମ୍ପରାର ଯୁଗ ପୁନର୍ବାର ଫେରିଆସିବ। ଏହି କାର୍ଯ୍ୟକ୍ରମରେ ବିଶ୍ୱାତ୍ମ୍ ଚେତନା ପରିଷଦ ବଲାଙ୍ଗୀରର ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀ ମହାରାଜ, ଜଗତ୍‌ସିଂହପୁର ନାଉଗାଁର ଗୋଠଦା ମଠର ମହନ୍ତ ଚିନ୍ତାମଣି ପର୍ବତ ମହାରାଜ, ବ୍ରଜବନ୍ଧୁ ବାବା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଓୟୁଏଟିର ପୂର୍ବତନ କୁଳପତି ଡା. ସୁରେନ୍ଦ୍ର ନାଥ ପଶୁପାଳକ ପ୍ରମୁଖ ଯୋଗଦେଇ ଗୋସଂପଦର ବିକାଶ ହେଲେ ମାନବ ସମାଜର ବିକାଶ ହେବ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସାନବଡଗୋପାଳପୁରସ୍ଥିତ ବନବିଭାଗ କାର୍ଯ୍ୟାଳୟ ନିକଟରୁ ଏକ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରି ବୀଣାପାଣି ବଜାର, ତ୍ରିନାଥ ବଜାର, ରାଜନଗର ବଜାର, ତନ୍ତିପୋଖରୀ ଦେଇ ମହୋତ୍ସବ ପଡିଆରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ପ୍ରଜ୍ଞାନାନନ୍ଦ ମହାରାଜ, ଅନ୍ୟ ସାଧୁସନ୍ଥ ପ୍ରମୁଖ ସାମିଲ ଥିଲେ। ମହୋତ୍ସବରେ ପ୍ରାୟ ୧୦ ହଜାର ଲୋକଙ୍କ ସମାଗମ ହୋଇଥିଲା।

### ଗିରି ଗୋବର୍ଦ୍ଧନ ପୂଜା ଆରମ୍ଭ

ଡେରାବିଶ,୨୯।୧୦(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଗୌଡ଼ବିଶି ଗ୍ରାମରେ ଗିରି ଗୋବର୍ଦ୍ଧନଙ୍କର ପୂଜା ସୋମବାରଠାରୁ ଆରମ୍ଭ ହୋଇଛି। ଏଠାରେ ଦୀର୍ଘ ୬୮ ବର୍ଷ ଧରି ପୂଜା ହୋଇ ଆସୁଛି। ସୋମବାର ପୂର୍ବାହ୍ନରେ କଳସାଧିବାସ, ଘଟ ସ୍ଥାପନ ଓ ବିଗ୍ରହଙ୍କର ପୂଜା ଆରମ୍ଭ ହୋଇଯାଇଛି। ଆସନ୍ତା ନଭେମ୍ବର ୧ ତାରିଖରେ ପୂଜା ଉଦ୍‌ଯାପନ ହେବ ବୋଲି ଗୌଡବିଶି ଗିରି ଗୋବର୍ଦ୍ଧନ ପୂଜା କମିଟିର ସଭାପତି ସୁନାକର ବେହେରା ଓ ସମ୍ପାଦକ ମଧୁସୂଦନ ଘଡେଇ ସୂଚନା ଦେଇଛନ୍ତି। ସେହିପରି ଦାନପୁର ପଞ୍ଚାୟତ ରଜାଙ୍ଗ ଗ୍ରାମରେ ବୁଣାକାରମାନଙ୍କ ପକ୍ଷରୁ ଗିରି ଗୋବର୍ଦ୍ଧନ ପୂଜା କରାଯାଉଛି।

# ମା'ଶ୍ୟାମାକାଳୀଙ୍କ ପୂଜା ପାଇଁ ଆଳି ଉତ୍ସବମୁଖର

ଆଳି,୨୯।୧୦(ଡି.ଏନ୍.ଏ.)

ମା'ଶ୍ୟାମାକାଳୀଙ୍କ ପୂଜା ନିମନ୍ତେ ଆଳି ବ୍ଲକ ଉତ୍ସବ ମୁଖର ହୋଇଉଠିଛି। ବ୍ଲକର ବିଭିନ୍ନ ସ୍ଥାନରେ ପାରମ୍ପରିକ ରୀତିନୀତି ଅନୁସାରେ ଏହି ପୂଜା ଅନୁଷ୍ଠିତ ହେଉଛି। ଶରତକୁମାର ଦେବ ଉଚ୍ଚ ବିଦ୍ୟାଳୟ ନିକଟ କାଳୀମନ୍ଦିରରେ ମା'ଶ୍ୟାମାକାଳୀଙ୍କ ପୂଜା ରୀତିନୀତି ଅନୁସାରେ ଆୟୋଜନ କରାଯାଇଛି। ସନ୍ଧ୍ୟାହେଲେ ମା'ଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କର ଭିଡ ଜମୁଛି। ଶ୍ରଦ୍ଧାଳୁମାନେ ପଡିଆକୁ ଆସି ମା'ଙ୍କ ଦର୍ଶନ କରିବା ସହ ଉତ୍ସବର ମଜା ନେଉଛନ୍ତି। ସେହିପରି ମୂଳସାହିର ମା'ଜଗଦ୍‌ଜନନୀ ନାଟ୍ୟ ପରିଷଦ ପକ୍ଷରୁ ୨ ଦିନ ଧରି ନାଟ୍ୟ ପରିବେଷଣ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ରାଧାନଗର କାଳୀପଡିଆଠାରେ ପଞ୍ଚପଲ୍ଲୀ ଶ୍ୟାମାପୂଜା କମିଟି ପକ୍ଷରୁ ମା'ଶ୍ୟାମାକାଳୀଙ୍କ ପୂଜା ମହାସମାରୋହରେ ପାଳିତ ହେଉଛି। କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱ ବିଲିକଣାଠାରେ ମା'ଙ୍କ ପୂଜା ଜାକଜମକରେ ଅନୁଷ୍ଠିତ ହେଉଛି।



ବିଲିକଣା ମଣ୍ଡପରେ ମା'କାଳୀଙ୍କ ପୂଜାର୍ଚ୍ଚନା ହେଉଛି।

# ୧୪ ହଜାର ହେକ୍ଟର ଫସଲ ନଷ୍ଟ

## ରେଙ୍ଗାଲି ଡ୍ୟାମ୍ ପାଣିରେ ବୁଡ଼ିଲା ଚାଷଜମି

ପଟ୍ଟାମୁଣ୍ଡାଇ, ୨୯।୧୦ (ସ୍ୱ.ପ୍ର.)

ଗତ ଲଗାଣ ବର୍ଷା ପରେ ରେଙ୍ଗାଲି ଡ୍ୟାମରୁ ପାଣି ଛଡ଼ାଯିବା ଯୋଗୁ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ଧାନ ଓ ବିରି ଫସଲ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ଗତ ୨୬ ତାରିଖରେ ରେଙ୍ଗାଲିର ଗୋଟିଏ ଗେଟ୍ ଖୋଲାଯାଇଥିବା ବେଳେ ରବିବାର ରାତିରେ ବ୍ରାହ୍ମଣୀ ଓ ଶାଖା କାଣୀ ନଦୀରେ ବନ୍ୟାଜଳ ବୃଦ୍ଧି ପାଇଛି, ଯାହାଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ପ୍ରାୟ ୧୪ ହଜାର ହେକ୍ଟର ଧାନ ଓ ବିରି ଫସଲ ବୁଡିଯାଇଛି। ଏଥିନେଇ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବଳଦେବନଗର, ତଳବାଲିପଡ଼ା, କାକୁଡିପଲ୍ଲି, ନୂଆଗାଁ ଓ ଅଳଭାର ଚାଷୀମାନେ ସୋମବାର ପଟ୍ଟାମୁଣ୍ଡାଇ ତହସିଲଦାର ଶରତ କୁମାର ଗିରିଙ୍କୁ ଭେଟି ରେଙ୍ଗାଲି ଡ୍ୟାମ୍ ଗେଟ୍ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ତହସିଲଦାର ଗିରିଙ୍କ ନିର୍ଦ୍ଦେଶରେ ବ୍ଲକ ସହକାରୀ କୃଷି ଅଧିକାରୀ ଭଦ୍ର ନାରାୟଣ ଦାସ ଚାଷୀମାନଙ୍କ ସହିତ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଚାଷୀ ସଞ୍ଜୟ ଓଝା, ଗୋଲେକ ଭୂୟାଁ, ସୁକାନ୍ତ ପ୍ରଧାନ, ରବୀନ୍ଦ୍ର ନାୟକ, ରଂଜନ କର, ସୁରେନ୍ଦ୍ର କର, ସୁଦର୍ଶନ କର, ରବୀନ୍ଦ୍ର କର, ପାରେଶ୍ୱର ବିଶ୍ୱାଳ, ବିଜୟ ବିଶ୍ୱାଳ, ରମେଶ ବିଶ୍ୱାଳ, ରମାକାନ୍ତ ପ୍ରଧାନ, ସୁରେନ୍ଦ୍ର ତ୍ରିପାଠୀ, ନୃସିଂହ ଭୂୟାଁ, ଗୋପୀନାଥ କର, ବାଇଧର ପ୍ରଧାନ, ବିଶ୍ୱନାଥ କର ପ୍ରମୁଖ ତହସିଲଦାରଙ୍କୁ ଭେଟି ଦାବି ଜଣାଇଥିଲେ।

ସେହିପରି ଚାଷ ଜମିରେ ପାଣି ଜମି ରହିଥିବା ଯୋଗୁ ପଟ୍ଟାମୁଣ୍ଡାଇ ବ୍ଲକ ଅଣ୍ଡରା, ଅମୃତମଣୋହୀ, ସିଂହଗାଁ, ପେଣ୍ଠପାଳ, ତରଡିପାଳ ଆଦି ଅଞ୍ଚଳରେ ଧାନ ଫସଲ ନଷ୍ଟ ହେବା ଆଶଙ୍କା ରହିଥିବା ଉଲ୍ଲାସ ମଲ୍ଲିକ, ବାବାଜି ମଲ୍ଲିକ, ଶଙ୍କର ଯେନା, ଅଲେଖ ଯେନା, ବ୍ରଜକିଶୋର ସେଠୀ, ଉଲ୍ଲାସ ନାୟକ, ବାନାମ୍ବର ମଲ୍ଲିକ, ବିଶ୍ୱରଂଜନ ପରିଡା, କିଶୋର ଦାସ, ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ କହିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ବାଛରା, ମଣ୍ଡପଡା ଗ୍ରାମର ବିଜୟ କୁମାର ସାହୁ, ଖଗେଶ୍ୱର ପ୍ରଧାନ, କେଦାର ସ୍ୱାଇଁ, ସୁରେନ୍ଦ୍ର ପ୍ରଧାନ, ଅଜାମ୍ବର ରାଉତ, ସୁଶାନ୍ତ ପ୍ରଧାନଙ୍କ ସମେତ ବହୁ ଚାଷୀଙ୍କର ବିରି ଫସଲ ବ୍ରାହ୍ମଣୀ ବନ୍ୟା ପାଣିରେ ବୁଡି ନଷ୍ଟ ହୋଇଛି। ରେଙ୍ଗାଲି ଡ୍ୟାମରୁ ପାଣି ଛଡାଯିବା ଯୋଗୁ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳ ଅଧୀନ ଚାଷ ଜମିରେ ଫସଲ ବ୍ୟାପକ କ୍ଷତି ଘଟିଛି। ଏହା ମନୁଷ୍ୟକୃତ ବନ୍ୟା ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର, କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ସମୂହ ଦାବି ହୋଇଛି।

## ସଂକ୍ଷେପରେ

### ଚୋରାରେ ପିଗ୍ ଆଇରନ କିଣି ଗିରଫ ହେଲେ ଶିଳ୍ପପତି

**ଯାଜପୁର ଅଫିସ, ୨୯।୧୦:** ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଏକ କାରଖାନାରୁ ଛତିଶଗଡ଼ ଯାଉଥିବା ପିଗ୍ ଆଇରନକୁ ଚୋରାରେ କିଣି ରାଉରକେଲାର ଜଣେ ଶିଳ୍ପପତି ଯାଜପୁର ପୋଲିସ ଦ୍ୱାରା ଗିରଫ ହୋଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ କଳିଙ୍ଗନଗର ଶିଳ୍ପାଞ୍ଚଳର ଏକ କାରଖାନାରୁ ୨ଟି ଟ୍ରକରେ ପିଗ୍ ଆଇରନ ଛତିଶଗଡ଼କୁ ଯାଉଥଲା। ତେବେ ଗନ୍ତବ୍ୟ ସ୍ଥଳକୁ ନ ପହଞ୍ଚାଇ ଡ୍ରାଇଭରମାନେ ଉକ୍ତ ପିଗ୍ ଆଇରନକୁ ରାଉରକେଲାର ଜଣେ ଶିଳ୍ପପତିଙ୍କ ନିକଟରେ ବିକ୍ରି କରି ଦେଇଥିଲେ। ଏହି ଘଟଣା କଳିଙ୍ଗନଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ ତନାଘନା କରି ମୁମ୍ବାଇରୁ ଦୁଇ ଟ୍ରକ ଡ୍ରାଇଭରଙ୍କୁ ଗିରଫ କରିଥିଲା। ସେହି ଡ୍ରାଇଭରଙ୍କୁ ପଚରାଉଚୁରା କରିବାରୁ ରାଉରକେଲାର ଜଣେ ଶିଳ୍ପପତିଙ୍କ ନିକଟରେ ବିକ୍ରି କରିଥିବା ସେମାନେ ସୂଚନା ଦେଇଥିଲେ। ଏହି ଆଧାରରେ ରାଉରକେଲାର ସେହି ଶିଳ୍ପପତିଙ୍କୁ ଯାଜପୁର ପୋଲିସ ଗିରଫ କରିଛି। ତେବେ ଏନେଇ ପୋଲିସ ସବିଶେଷ ତଥ୍ୟ ପ୍ରକାଶ କରିନାହିଁ।

### ୨ମାମଲାରେ ୨ ଅଭିଯୁକ୍ତଙ୍କୁ ଜେଲ ଦଣ୍ଡାଦେଶ

**ଚଣ୍ଡିଖୋଲ, ୨୯।୧୦(ଡି.ଏନ୍.ଏ):** ଯାଜପୁର ଜିଲାର ଚଣ୍ଡିଖୋଲ କୋର୍ଟ ମାଜିଷ୍ଟ୍ରେଟ ଇପ୍ସିତା ମହାନ୍ତି ମଙ୍ଗଳବାର ଦୁଇଟି ମାମଲାର ରାୟ ଶୁଣାଇଛନ୍ତି। ଏକ ସ୍କୁଟି ଚୋରି ମାମଲାର ବିଚାର କରି କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅନ୍ତର୍ଗତ ଡେରାଡିହ ଗ୍ରାମର ରଞ୍ଜନ କୁମାର କରଙ୍କୁ ଦୋଷୀ ସାବ୍ୟସ୍ତ କରି ୮ମାସ ୧୫ଦିନ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସେହିପରି ଅନ୍ୟଏକ ମାମଲାରେ ଜଣେ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗର ଶୁଣାଣି କରି ବାଲିଚନ୍ଦ୍ରପୁର ଥାନା ଅର୍ନ୍ତଗତ ସାଉଡିଆ ଗ୍ରାମର ଅଭିଯୁକ୍ତ ପ୍ରଶାନ୍ତ କୁମାର ପରିଡ଼ାଙ୍କୁ ଦୋଷୀ ସାବ୍ୟସ୍ତ କରି ଅଦାଲତ ତାଙ୍କୁ ୧ବର୍ଷ ୮ମାସ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଉଭୟ ମାମଲାରେ ସରକାରୀ ଓକିଲ ପ୍ରକାଶ କୁମାର ଦାଶ ଓ ଜଗନ୍ନାଥ ମଲ୍ଲିକ ମାମଲା ପରିଚାଳନା କରୁଥିଲେ।

### ରସୁଲପୁର ବ୍ଲକରେ ୫-ଟିର ନଗ୍ନଚିତ୍ର

# କଳାବଜାରରେ ବିକ୍ରି ହେଉଛି ସାଧାରଣ ବଣ୍ଟନ ସାମଗ୍ରୀ

**ରସୁଲପୁର,୨୯।୧୦(ଡି.ଏନ୍.ଏ.)**

ଯାଜପୁର ଜିଲା ରସୁଲପୁର ବ୍ଲକରେ ସାଧାରଣ ବଣ୍ଟନ ସାମଗ୍ରୀ ପ୍ରଦାନରେ ସରକାରଙ୍କ ୫-ଟି ପ୍ରୟୋଗ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଭୂତ ଚାଉଳ କାର୍ଡ ହାତେଇବାରେ ଠାରୁ ଅଯୋଗ୍ୟଙ୍କୁ ରାଶନ କାର୍ଡ ପ୍ରଦାନ କରିବା ପର୍ଯ୍ୟନ୍ତ ସବୁଠି ୫-ଟି ଫେଲ୍ ମାରିଥିବା ମନେହେଉଛି। ଯାଜପୁର ଜିଲା ରସୁଲପୁର ବ୍ଲକର ହିତାଧିକାରୀଙ୍କ ପାଇଁ ଆସୁଥିବା ରାଶନ ସାମଗ୍ରୀକୁ ହଡ଼ପ କରାଯିବା ଘଟଣାରୁ ଏହା ସ୍ପଷ୍ଟ ହୋଇଯାଇଛି। କଳାବଜାରରେ ସାଧାରଣ ବଣ୍ଟନ ସାମଗ୍ରୀ ବିକ୍ରି ହେବା ଘଟଣା ୫-ଟିର ନଗ୍ନ ଚିତ୍ରକୁ ପଦାରେ ପକାଇ ଦେଇଛି। ଏଦିଗରେ ଅସାଧୁ ବ୍ୟବସାୟୀ, ପରିବହନ ସଂସ୍ଥା, ଜିଲା ପ୍ରଶାସନର ଭୂମିକା ଉପରକୁ ଅଙ୍ଗୁଳି ଉଠୁଛି। ଏହି ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବରଜପୁର ଗ୍ରାମର ଏକ କୋଠଘରେ ବେଆଇନ ଭାବେ ରାଶନ ସାମଗ୍ରୀ ମହଜୁଦ ରହିଥିବା ଜଣାପଡ଼ିବା ପରେ ମଙ୍ଗଳବାର ରାତିରେ ରସୁଲପୁର ବ୍ଲକ ଯୋଗାଣ ଅଧିକାରୀ ଅନୁଜ କୁମାର ସାହୁ ସେଠାରେ ଚଢ଼ାଉ କରି ଶତାଧିକ ପିଡିଏସ୍ ଚାଉଳ ବସ୍ତା ଜବତ



**କୋଠ ଘରୁ ଶତାଧିକ ପିଡିଏସ୍ ଚାଉଳ ବସ୍ତା ଜବତ**

କରିଛନ୍ତି। ଏହି ଘଟଣାରୁ ଏଠାରେ କିପରି ଭାବରେ କଳାବଜାରୀ ଚାଲିଛି ତାହା ସହଜରେ ଅନୁମେୟ ହୋଇଯାଇଛି।

ପ୍ରକାଶ ଯେ, ସୋମବାର ସନ୍ଧ୍ୟା ୭ଟା ୧୯ମିନିଟ୍‌ରେ ଏକ ଚାଉଳ ବୋଝେଇ ଟ୍ରକ୍ ନଂ- ଓଆର୦୯-ଇ-୦୦୩୩ ବରଜପୁର ଗ୍ରାମ ଭିତରକୁ ଆସିଥିଲା। କୋଠଘର ନିକଟରେ ଚାଉଳ ବସ୍ତା ଖଲାସ କରୁଥିବା ଦୃଶ୍ୟ ସ୍ଥାନୀୟ ଅଞ୍ଚଳର ଲୋକେ ଦେଖିବାକୁ ପାଇଥିଲେ। ଚାଉଳ ବୋଝେଇ ଟ୍ରକ୍ ସମ୍ମୁଖରେ ଲାଗିଥିବା ବ୍ୟାନରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡିଶା ରାଜ୍ୟ ଯୋଗାଣ ନିଗମ-ଯାଜପୁର ଜିଲା, ପରିବହନ ସଂସ୍ଥାର ନାମ ପ୍ରଫୁଲ୍ଲ ସାହୁ ବୋଲି ଉଲ୍ଲେଖ ଥିଲା। ଉକ୍ତ ବ୍ୟାନରରୁ ଟ୍ରକ୍‌ରେ ବୋଝେଇ ଚାଉଳ ସାଧାରଣ ବଣ୍ଟନ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ଜଣା ପଡ଼ିଛି। ଏହିଭଳି ପ୍ରତ୍ୟେକ ମାସରେ ଟ୍ରକ୍ ଟ୍ରକ୍ ଚାଉଳ ଆସି ଏଠାରେ ଖଲାସ ହୋଇଥାଏ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ତାହା କେଉଁ ବ୍ୟବସାୟୀଙ୍କ ହୋଇଥାଇ ପାରେ ବୋଲି ଲୋକେ ମନେ କରିଆସୁଛନ୍ତି। ମାତ୍ର ଟ୍ରକ ସମ୍ମୁଖରେ ଲାଗିଥିବା ବ୍ୟାନର ରାଶନ ଚାଉଳ କଳାବାଜାରୀ ଉପରୁ ପରଦା ହଟାଇ ଦେଇଛି। ବର୍ଷବର୍ଷ ଧରି ଏହି କାରବାର ଚାଲି ଆସୁଛି। ପରିବହନ ସଂସ୍ଥା ପକ୍ଷରୁ ଡିଲର ପଏଣ୍ଟରେ କମ୍ ଓଜନର ଚାଉଳ ବସ୍ତା ଯୋଗାଇବା, ବ୍ଲକର ଗାଁ ଗଣ୍ଡାରେ ଭୂତ ହିତାଧିକାରୀଙ୍କ ନାଁରେ ଚାଉଳ ଉଠାଇବା, ଅଯୋଗ୍ୟ ହିତାଧିକାରୀ ଯେଉଁମାନେ ଚାଉଳ ସଂଗ୍ରହ ନ କରି ଡିଲରମାନଙ୍କଠାରୁ ମାସିକିଆ ଟଙ୍କା ସଂଗ୍ରହ କରିବା ଭଳି କେତେକ ବଳିଷ୍ଠ କାରଣରୁ ଚାଉଳ ଓ ଗହମ ବଳକା ରହୁଛି। ଡିଲରମାନେ ଆବଶ୍ୟକ ପରିମାଣର କୋଟାଠାରୁ କମ୍ ପରିମାଣର ଚାଉଳ ଉଠାଉଛନ୍ତି। ଏଦିଗରେ ପରିବହନ ସଂସ୍ଥା, ଡିଲର ଓ ଅସାଧୁ ବ୍ୟବସାୟୀଙ୍କ ମଧ୍ୟରେ ବୁଝାବଣା ହୋଇଯାଉଛି। ଡିଲର ପଏଣ୍ଟକୁ ନ ଆସି ସିଧାସଳଖ ଟ୍ରକ ଟ୍ରକ ବୋଝେଇ ରାଶନ ଚାଉଳ ବାଟମାରଣା ହୋଇଯାଉଛି। ଏପରି କି ଯୋଗାଣ ନିଗମରୁ ଆସୁଥିବା ଟ୍ରକ୍ ବୋଝେଇ ଚାଉଳ ଗନ୍ତବ୍ୟସ୍ଥଳକୁ ନ ଆସି କଳାବଜାରୀଙ୍କ ଗୋଦାମକୁ ଚାଲି ଯାଉଛି ବୋଲି ଏଠାରେ ମିଳିଥିବା ସୁରାକରୁ ଜଣାପଡିଛି। ପ୍ରକାଶ ଥାଉ କି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଖାଦ୍ୟ ସୁରକ୍ଷା ଆଇନ ଓ ଖାଦ୍ୟ ସୁରକ୍ଷା ଯୋଜନା ଜରିଆରେ ଖାଉଟିଙ୍କୁ ଟଙ୍କିକିଆ ଚାଉଳ ଓ ଗହମ ଯୋଗାଇ ଆସୁଛନ୍ତି। ଉକ୍ତ ଯୋଜନା ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଏହି ଯୋଜନା ସମ୍ପୂର୍ଣ୍ଣ ବାଟବଣା ହୋଇଛି। ଗରିବଙ୍କ ନାଁରେ ଆସୁଥିବା ଚାଉଳ କଳାବଜାରରେ ବିକ୍ରି ହେଉଛି। ଆଧାର ସଂଯୋଗ କରିବା ପରେ ସମଗ୍ର ବ୍ଲକ ଅଞ୍ଚଳରେ ୧୦ହଜାରୁ ଉର୍ଦ୍ଧ୍ୱ ଭୂତ ହିତାଧିକାରୀ ଧରାପଡିବା ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରୁଥିଲା। ଉକ୍ତ ବ୍ୟକ୍ତିଙ୍କ ନାଁରେ ଆସୁଥିବା ଚାଉଳ କେଉଁଆଡେ ଯାଉଥିଲା ତା ନେଇ ମଧ୍ୟ କଳ୍ପନାଜଳ୍ପନା ଲାଗି ରହିଥିଲା। ମାତ୍ର ଏଠାରେ ଜନୈକ ବ୍ୟବସାୟୀଙ୍କ ଗୋଦାମ ଘରେ ସାଧାରଣ ବଣ୍ଟନ ଚାଉଳ ଖଲାସ ହେବା ଘଟଣା ପ୍ରଘଟିତ ହେବା ପରେ ଏ ଦିଗରେ ରହିଥିବା ସନ୍ଦେହ ଉପରୁ ପରଦା ହଟି ଯାଇଛି। ଉକ୍ତ ଘଟଣାର ତଦନ୍ତ କରାଯାଇ ରାଶନ ସାମଗ୍ରୀ ହଡ଼ପରେ ସମ୍ପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି। ଏଥିସହ ଜିଲାରେ କଳାବଜାରରେ ବିକ୍ରି ହେଉଥିବା ରାଶନ ସାମଗ୍ରୀ ସମ୍ପର୍କରେ ତଦନ୍ତ କରାଗଲେ ଏ ଦିଗରେ ହେଉଥିବା ବହୁ ଅନୈତିକ କାରବାର ଉପରୁ ପରଦା ହଟି ଯାଇପାରିବ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତ ପ୍ରକାଶ ପାଉଛି।

### ମାଲକାନଗିରିରୁ ବଡ଼ଚଣା ଶାନ୍ତି-ସଂହତି-ସଦଭାବନା ଯାତ୍ରା

**ଚଣ୍ଡିଖୋଲ,୨୯।୧୦(ଡି.ଏନ୍.ଏ.)**

ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଗାନ୍ଧୀବାଦର ବାର୍ତ୍ତା ନେଇ ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ପୀଠ ମାଲକାନଗିରିର ମାଥିଲିରୁ ବାହାରିଥିବା ଶାନ୍ତି-ସଂହତି ଓ ସଦ୍‌ଭାବନା ଯାତ୍ରା ଯାଜପୁର ଜିଲାର ବଡ଼ଚଣା ବ୍ଲକ ଅର୍ନ୍ତଗତ ବାଲିପଡ଼ିଆ ଠକ୍କରବାବା ଆଶ୍ରମରେ ପହଞ୍ଚିଛି। ଦୀର୍ଘ ୬ ଶହ ୪୪ କି.ମି. ପଥ ଅତିକ୍ରମ କରି ଏହି ଯାତ୍ରା ଏଠାରେ ପହଞ୍ଚିବା ପରେ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବାଲିପଡ଼ିଆଠାରେ ପହଞ୍ଚିବାପରେ ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଉତ୍କଳ ଗାନ୍ଧୀ ସ୍ମାରକ ନିଧି ସଭାନେତ୍ରୀ ତୃଷ୍ଣା ମହାନ୍ତି, ବିଶିଷ୍ଟ ଗାନ୍ଧିବାଦୀ କର୍ମୀ ନିଶାକର ଦାସ, ରାଷ୍ଟ୍ରୀୟ ଯୁବ ସଙ୍ଗଠନର ସଂଯୋଜକ ବିଶ୍ୱଜିତ ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଆସିଥିବା ଏହି ଅଭିଯାତ୍ରୀ ଦଳକୁ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି ସ୍ୱାଗତ କରିଥିଲେ। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀଙ୍କ ସଂଯୋଜନାରେ ଏକ ସମାରୋହ ଆୟୋଜିତ ହୋଇଥିଲା। ଏହି ଅବସରରେ ଆଶ୍ରମ ପକ୍ଷରୁ ଉତ୍କଳମଣୀ ଗୋପବନ୍ଧୁ ପାଠାଗାରର ପୂର୍ବତନ ସମ୍ପାଦକ ଭାଗବତ ତ୍ରିପାଠୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

# ଘଟଣାସ୍ଥଳ ପରିଦର୍ଶନ କଲେ ସିଭିଲ ସୋସାଇଟି ଟିମ୍

**ରସୁଲପୁର,୨୯।୧୦(ଡି.ଏନ୍.ଏ.)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହି ଅଧିକାରିଣୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଦୈନିକ କିଛି ନା କିଛି ନୂଆ ଘଟଣା ସାମ୍ନାକୁ ଆସୁଛି। ମଙ୍ଗଳବାର ବରିଷ୍ଠ ସାମ୍ବାଦିକ ରବି ଦାସଙ୍କ ନେତୃତ୍ୱରେ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, ରାଜ୍ୟ ବିଦ୍ୟାଳୟ ଅଭିଭାବକ ସଂଘର ସଭାନେତ୍ରୀ ସଂଯୁକ୍ତା ପାଣିଗ୍ରାହୀ, ସୁଧୀର ମହାନ୍ତି ପ୍ରମୁଖଙ୍କୁ ନେଇ ସିଭିଲ ସୋସାଇଟିର ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନରେ ଆସି ଫେରି ଯାଇଛନ୍ତି । ଉକ୍ତ ଘଟଣାରେ ପୋଲିସ ତଦନ୍ତ ପ୍ରକ୍ରିୟା ଉପରେ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଆରମ୍ଭରୁ କେତେକ ତ୍ରୁଟି ଯୋଗୁ ଏହି ଘଟଣା ଦିଗ ଭିନ୍ନମୋଡ଼ ନେବାକୁ ବସିଛି ବୋଲି ଦାସ ପ୍ରକାଶ କରିଛନ୍ତି। ଏହାଛଡ଼ା ଘଟଣା ଦିନ ମୁଖ୍ୟ ଅଭିଯୁକ୍ତ ରୂପେଶ ଭଦ୍ରଙ୍କ ସହ ଉପସ୍ଥିତ ଥିବା ଅନ୍ୟ ସହଯୋଗୀ ଓ କର୍ମଚାରୀମାନେ କେଉଁଠି ଅଛନ୍ତି। ସେମାନଙ୍କୁ ନେଇ ପୋଲିସର ଭୂମିକା କ'ଣ ରହିଛି । ସେମାନଙ୍କ ବ୍ୟତୀତ ଆଉ କେଉଁମାନେ ଗତ ୧୬ ତାରିଖରେ ଉକ୍ତ ଗେଷ୍ଟ ହାଉସକୁ ଆସିଥିଲେ ସେସମ୍ପର୍କରେ ସିଭିଲ ସୋସାଇଟିର ସଦସ୍ୟମାନେ ପୋଲିସକୁ ପ୍ରଶ୍ନ କରିଥିଲେ। ଏହାଛଡ଼ା ହରିଦାସପୁର ପଞ୍ଚାୟତ କାର୍ଯ୍ୟାଳୟ, ଅଭିଯୁକ୍ତଙ୍କ ଘର ଓ ଗେଷ୍ଟହାଉସ ପରିଦର୍ଶନ କରିବା ପରେ ମାତ୍ର ୫୦୦ ମିଟର ବ୍ୟବଧାନ। ମାତ୍ର ୧ଘଣ୍ଟା ଭିତରେ କ'ଣ ଏମିତି ଘଟିଲା ଯାହାକୁ ନେଇ ପିଇଓ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥିଲେ। ତାକୁ ନେଇ ସନ୍ଦେହ ଘନିଭୂତ ହେବାରେ ଲାଗିଛି। ଘଟଣାସ୍ଥଳ ପରିଦର୍ଶନ ସମୟରେ ଟିମ୍‌ର ସଦସ୍ୟମାନେ ସ୍ଥାନୀୟ ଅଞ୍ଚଳର ଯୁବକ ବଳରାମ ଦାସ ଓ ସୁବାଶ ସେଠୀଙ୍କୁ ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ପଚରାଉଚୁରା କରିଥିଲେ।

# ଦୁର୍ଘଟଣାରେ ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ



ସହାୟତା ଦାବିରେ ରାସ୍ତାରୋକୋ କରିଥିବା ଅଞ୍ଚଳବାସୀ।

**ବରୀ/ରତ୍ନଗିରି,୨୯।୧୦(ସ୍ୱ.ପ୍ର./ଡି.ଏନ୍.ଏ.)**

ଯାଜପୁର ଜିଲା ବରୀ ବ୍ଲକ ଅଧୀନ ବରୀ-ବରୁହାଁ ମୁଖ୍ୟ ରାସ୍ତାର ବରୀ ମାଉଣ୍ଡ ବଜାର ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଅରଙ୍ଗାବାଦ୍ ପଞ୍ଚାୟତର ପୂର୍ବତନ ସରପଞ୍ଚ ରଘୁନାଥ ଜେନା(୬୬)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ପରିବାରର ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ବରୀ-ବରୁହାଁ ମୁଖ୍ୟ ରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ଖବର ପାଇ ବରୀ ତହସିଲଦାର ପ୍ରଭାସ ବେଉରା ଓ ଥାନା ଅଧିକାରୀ ମାର୍କଣ୍ଡ ମିଶ୍ର ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ଗ୍ରାମବାସୀ ଘଟଣାସ୍ଥଳକୁ ଜିଲାପାଳଙ୍କୁ ଆସିବାକୁ ଦାବି କରିବା ସହ ମୃତ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଆନ୍ଦୋଳନ ଜାରିରଖିଥିଲେ। ସନ୍ଧ୍ୟାରେ ଡିଏସ୍‌ପି ରବୀନ୍ଦ୍ର କୁମାର ଜେନା ଓ ଆଡିସ୍‌ନାଲ ଏସ୍‌ପି ଅକ୍ଷୟ କୁମାର ଦାସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଏବଂ ହରିଶଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ଟ୍ରକ୍ ମାଲିକ ବୁଧବାର ୨୦ ହଜାର ଟଙ୍କା ଦେବାକୁ ଆଡିସ୍‌ନାଲ ଏସ୍‌ପି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି। ପୋଲିସ ଟ୍ରକ୍ ଜବତ କରିବା ସହ ଡ୍ରାଇଭରକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଦୀର୍ଘ ୫ ଘଣ୍ଟା ଆନ୍ଦୋଳନ ଜାରି ରହିବା ଫଳରେ ଯାନବାହନ ଚଳାଚଳ ଏକ ପ୍ରକାର ଠପ୍ ହୋଇଯାଇଥିଲା। ବରୀ ବ୍ଲକ ଅଧ୍ୟକ୍ଷା ସୁଭାଶିନୀ ନାଥ ଶର୍ମା, ଯାଜପୁର ଜିଲା ପୂର୍ବତନ ଭାଜପା ଅଧ୍ୟକ୍ଷ ଆଶୁତୋଷ ପରିଡା, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ଜେନା, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଭଞ୍ଜ , ସରପଞ୍ଚ ବିଜୟ ସାହାଣୀ, ସରପଞ୍ଚ ସୁସାନ୍ତ ମଲ୍ଲିକ, କଂଗ୍ରେସ ନେତା ବଳରାମ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ବରୀ ମାଉଣ୍ଡ ବଜାର ପକ୍ଷରୁ ରଘୁନାଥଙ୍କ ମୃତ୍ୟୁକୁ ନେଇ ଗଭୀର ଶୋକ ପ୍ରକାଶ କରାଯିବା ସହ ଦୋକାନ ବଜାର ବନ୍ଦ କରିଦିଆଯାଇଥିଲା। ବରୀ ବିଧାୟିକା ସୁନନ୍ଦା ଦାସ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଗଭୀର ଶୋକ ପ୍ରକାଶ କରିଛନ୍ତି।

### ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଲା



### ଲଗାଣ ବର୍ଷାରେ ଫସଲହାନି

# କ୍ଷତିପୂରଣ ଦାବିରେ ଚାଷୀଙ୍କ ଜାତୀୟ ରାଜପଥ ଅବରୋଧ

**ଚଣ୍ଡିଖୋଲ,୨୯।୧୦(ଡି.ଏନ୍.ଏ.)**

ଗତ ସପ୍ତାହରେ ୩ଦିନ ଧରି ଲଗାଣ ବର୍ଷା ଯୋଗୁ ବଡ଼ଚଣା ବ୍ଲକର ବହୁ ଅଞ୍ଚଳରେ ବ୍ୟାପକ ଫସଲ ହାନୀ ହୋଇଛି। ପ୍ରଶାସନ ପକ୍ଷରୁ ଅଦ୍ୟାବଧି କ୍ଷୟକ୍ଷତି ଆକଳନ କରାଯାଇ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ବହୁ ଅଞ୍ଚଳରେ ପାଣି ନିଷ୍କାସନ ହୋଇ ନ ପାରି ଶାରଦ ଧାନ, ରବିଫସଲ ଓ ପନିପରିବା ବୁଡ଼ି ରହିଛି। ଥୋଡ଼ ହେଉଥିବା ଧାନ କିଆରିରେ ପାଣି ଜମି ରହିବା ଫଳରେ ଧାନ ଫସଲ ପଚି ଯାଇଛି। କ୍ଷୟକ୍ଷତିର ଆକଳନ ସହ ସରକାରଙ୍କଠାରୁ ସହାୟତା ଆଶାକରି ମଙ୍ଗଳବାର ଅଣକା, ମାଣ୍ଡୁକା, କୁନ୍ଦଳ ଓ ଅରଖପୁର ପଞ୍ଚାୟତର ଚାଷୀମାନେ ଚଣ୍ଡିଖୋଲ-ପାରାଦୀପ ୫ନଂ (କ) ଜାତୀୟ ରାଜପଥକୁ ଭାକୁଡ଼ ଛକଠାରେ ଦୀର୍ଘ ୨ଘଣ୍ଟା ଧରି ଅବରୋଧ କରିଥିଲେ। ଚାଷୀମାନେ ଫସଲ ହାନୀର କ୍ଷୟକ୍ଷତି ଆକଳନ, ରବିଫସଲ ଉଠିଆ ପାଇଁ ମାଗଣାରେ ବିରି ବିହନ ଯୋଗାଣ, ନଷ୍ଟ ହୋଇଥିବା ଚାଷର କ୍ଷତିପୂରଣ ପ୍ରଦାନ, କୃଷିରଣ ଛାଡ଼ ଓ ନୂତନ ଋଣ ପ୍ରଦାନ ଦାବି କରି ଏହି ରାସ୍ତାରୋକୋ କରିଥିଲେ। ୨ଘଣ୍ଟା ଧରି ରାସ୍ତାରୋକୋ ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କଠାରୁ ଦାବୀପତ୍ର ଗ୍ରହଣ କରି ବୁଝାଶୁଝା କରିବା ପରେ ଆନ୍ଦୋଳନକାରୀମାନେ ରାସ୍ତାରୋକୋରୁ ଦିନ ପ୍ରାୟ ସାଢେ ବାରଟାବେଳେ ଉଠି ଯାଇଥିଲେ।

# ଅଡିଟ ରିପୋର୍ଟରେ ୪୦ଲକ୍ଷ ଟଙ୍କା ହେରଫେର

**ଯାଜପୁର ଜିଲା ଯୋଗାଣ ବିଭାଗ**

- ଅନୁପାଳନ ନ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଚେତାବନୀ
- ଅଫିସ ମେମୋରାଣ୍ଡମ ଜାରି

**ଯାଜପୁର ଅଫିସ,୨୯।୧୦**

ଅନୁମୋଦିତ ଅଡିଟ ରିପୋର୍ଟର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଅନୁପାଳନ ନ କଲେ ଜିଲା ଯୋଗାଣ ବିଭାଗର ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଡିଟ ରିପୋର୍ଟରେ ହେରାଫେରି, ଅନିୟମିତତା କିମ୍ବା ହଡ଼ପ ହୋଇଥିବା ନିଗମ ଅର୍ଥ ଅସୁଲି ହୋଇ ନ ପାରିଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଓସିଏସ୍(ସିସିଏ) ରୁଲ୍ସ ୧୯୬୨/ଓସିଏସ୍(ପେନ୍‌ସନ୍) ରୁଲ୍ସ ୧୯୯୨ଅନୁଯାୟୀ ଡିପାର୍ଟମେଣ୍ଟାଲ ପ୍ରୋସିଡିଂ ଗ୍ରହଣ କରାଯିବ। ଏପରି କି ଅବସର ଗ୍ରହଣ କରିଥିବା ସମ୍ପୃକ୍ତ ଅଧିକାରୀଙ୍କ ପେନ୍‌ସନ ସୁବିଧା ପାଇବାରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଏହି ମର୍ମରେ ରାଜ୍ୟ ଯୋଗାଣ ନିଗମର ଫାଇନାନ୍‌ସିଆଲ ଆଡ୍‌ଭାଇଜର ଓ ଚିଫ୍ ଆକାଉଣ୍ଟସ ଅଫିସର ସମସ୍ତ ଯୋଗାଣ ଅଧିକାରୀଙ୍କୁ ସୂଚିତ କରିଛନ୍ତି। ଏହାପରେ ଯାଜପୁର ଜିଲା ଯୋଗାଣ ବିଭାଗରେ ହୋଇଥିବା ଅଡିଟ ରିପୋର୍ଟରେ ୩୯,୮୨,୫୬୪.୬୮ ଟଙ୍କାର ହେରାଫେରିରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

ଯାଜପୁର ଜିଲା ଯୋଗାଣ ବିଭାଗରେ ୨୦୧୫ ନଭେମ୍ବର ଠାରୁ ୨୦୧୭ ମାର୍ଚ୍ଚ ପର୍ଯ୍ୟନ୍ତ ଅଡିଟ ରିପୋର୍ଟର ପାରା ଅନୁଯାୟୀ ଏଯାଏ ଅନୁପାଳନ ହୋଇ ନାହିଁ। ରାଜ୍ୟ ଯୋଗାଣ ନିଗମର ଫାଇନାନ୍‌ସିଆଲ ଆଡଭାଇଜର ଓ ଚିଫ ଆକାଉଣ୍ଟ ଅଫିସର ତାଙ୍କ ପତ୍ର ସଂଖ୍ୟା ୧୫୧୦୧/୧୬।୧୦।୨୦୧୯ରେ ଆସନ୍ତା ୧୫।୧୧।୨୦୧୯ ତାରିଖ ସୁଦ୍ଧା ନିଶ୍ଚିତ ଭାବେ ସାକ୍ଷ୍ୟପ୍ରମାଣ ସହ ଅଡିଟ ରିପୋର୍ଟର ଅନୁପାଳନ କରିବାକୁ ବିଭାଗ ପକ୍ଷରୁ ତାଗିଦ କରିଛନ୍ତି। ଅଡିଟ ରିପୋର୍ଟରେ ବ୍ୟାପକ ଅନିୟମିତତା କରାଯାଇ ୬୨,୩୦୧ ଟଙ୍କା ଅସୁଲଯୋଗ୍ୟ ଓ ୩୯,୮୨,୫୬୪.୬୮ ଟଙ୍କାର କାରବାର ଉପରେ ଅଡିଟର ପ୍ରଶ୍ନବାଚୀ ଲଗାଇଛନ୍ତି। ଗତ ୯ ମାସ ହେଲା ଏହି ପ୍ରକ୍ରିୟାକୁ ପାଳନ କରିବାରେ ବିଭାଗ ବିଫଳ ହୋଇଥିବାରୁ ଜିଲା ଅକାଉଣ୍ଟ ମୁଖ୍ୟ ଓ ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ)ଙ୍କୁ ଏଥିପାଇଁ ଦାୟୀ କରାଯାଉଛି। ତେବେ ଗତ ୪ ତାରିଖରେ ଅଡିଟ ପାରାରେ ନିଗମ ଅର୍ଥ ହେରଫେର କରିଥିବା ଅଧିକାରୀଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସଚିବ ଏକ ଅଫିସ ମେମୋରାଣ୍ଡମ ସଂଖ୍ୟା ୧୫୨୬୫/୪।୧୦।୨୦୧୯ରେ ଜାରି କରିଛନ୍ତି। ସେଥିରେ ଅଡିଟ ରିହ୍ୱିଟ ଅନୁଯାୟୀ ସରକାରୀ ଅର୍ଥ କ୍ଷତି କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯୋଗାଣ ବିଭାଗ କାର୍ଯ୍ୟାଳୟର ମୁଖ୍ୟ ୨ମାସ ମଧ୍ୟରେ ଅଡିଟ ରିପୋର୍ଟ ଉପରେ ତାଙ୍କର ମତ ଦେବା ସହିତ ସରକାର ଅର୍ଥ ଅସୁଲି ହୋଇ ପାରିଲା କି ନାହିଁ ସେ ନେଇ ରିପୋର୍ଟ ଦାଖଲ କରିବେ। ଏହାପରେ ପ୍ରଶାସନିକ ବିଭାଗ ୧ମାସ ମଧ୍ୟରେ ରିପୋର୍ଟ ଉପରେ ମତ ରଖିବା ଉଚିତ। ଯଦି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ତେବେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବାଧ କରି ପାରିବେ। ମେମୋରାଣ୍ଡମରେ ଅଡିଟ ରିପୋର୍ଟ ଅନୁପାଳନ କରି ନ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ନେଇ ଏଭଳି ୫ଟି ପଏଣ୍ଟ ସ୍ଥାନ ପାଇଛି। ଏଥିରେ ଯାଜପୁର ଜିଲା ଯୋଗାଣ ବିଭାଗରେ ଅନେକ ଅଧିକାରୀଙ୍କ ସମ୍ପୃକ୍ତି ରହିଛି। ବାହାରୁ ଜିଲାରୁ ଆସୁଥିବା ଚାଉଳ ଗାଡ଼ିରୁ ବାର୍ଷିକ ଲକ୍ଷାଧିକ ଟଙ୍କା ଅସୁଲି ହେଉଛି। ଏଥିରେ ବିଭାଗୀୟ ଆସିଷ୍ଟାଣ୍ଟ ମ୍ୟାନେଜର ଆକାଉଣ୍ଟ (ଏଏମ୍‌ଏ), ଆର୍‌ଆର୍‌ସିର ସଂଗ୍ରହ ନୀରିକ୍ଷକ(ପିଆଇ), ଆର୍‌ଆର୍‌ସି ମ୍ୟାନେଜର ପ୍ରମୁଖଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇ ଆସୁଛି। ତେବେ ଏବେ ଅଡିଟ ରିପୋର୍ଟ ଅନୁଯାୟୀ ବିଭାଗୀୟ ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ବାକି ରହିଲା। ଏହି ମର୍ମରେ ରାଜ୍ୟ ଯୋଗାଣ ନିଗମର ଫାଇନାନ୍‌ସିଆଲ ଆଡଭାଇଜର ତାଙ୍କ ପତ୍ରସଂଖ୍ୟା ୧୫୭୪୩/୨୮।୧୦।୨୦୧୯ରେ ଅର୍ଥ ଅଡିଟ ରିପୋର୍ଟ ଅନୁସାରେ ଅର୍ଥ ତୋଷରପାତରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ସିଏସ୍‌ଓ ସୁରେନ୍ଦ୍ର କୁମାର ହୋତାଙ୍କୁ ପଚାରିବାରେ ଅଡିଟ ରିପୋର୍ଟରେ ଅନୁପାଳନ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କହିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

